## ୨ ଧାନ ମଣ୍ଡି ଖୋଲିଲା

ତିର୍ତ୍ତୋଲ, (ଡି.ଏନ୍.ଏ.): ତିର୍ତ୍ତୋଲ ବ୍ଲକରେ ସୋମବାର ୨ ଧାନ ମଣ୍ଡି ଖୋଲାଯାଇଛି। ତିର୍ତ୍ତୋଲ ଓ ସାମନ୍ତରାପୁର ସେବା ସମବାୟ ସମିତି ପକ୍ଷରୁ ଏହି ଧାନମଣ୍ଡି ଖୋଲଯାଇ ଚାଷିଙ୍କ ଠାରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ତିର୍ତ୍ତୋଲରେ ଖୋଲାଯାଇଥିବା ମଣ୍ଡିକୁ ଏସଆରସି ଧ୍ରୁବ ଚରଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକିର ଚରଣ ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ସୁଧୀର ସ୍ୱାଇଁ ଓ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସାମନ୍ତରାପୁର ମଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଯୋଗାଣ ନିରୀକ୍ଷକ ବାବୁରାମ ବାରିକ, ସ୍ଥାନୀୟ ସରପଞ୍ଚ ମନୋଜ ବେହେରା, ଅଭୟ ସାହୁ, କେଦାର ପଟ୍ଟନାୟକ ଓ ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ତ୍ରୀକୁ ମରଣାତ୍ମକ ଆକ୍ରମଣ

ରସୁଲପୁର,୧୧।୧(ଡି.ଏନ.ଏ.): ରସୁଲପୁର ବ୍ଲକ ମହେଶ୍ୱରପୁର ଗ୍ରାମର ସେକ୍ ନୱାଜ ଅଲ୍ଲୀ ବିଦେଶରେ ଚାକିରି କରନ୍ତି। ସ୍ତ୍ରୀ ସମିମା ପରବିନ(୪୦) ଶାଶୁଘରେ ନ ରହି ନିଜର ୫ ପିଲାଙ୍କୁ ନେଇ ଅନ୍ୟତ୍ର ରହୁଛନ୍ତି। ଇତିମଧ୍ୟରେ ତାଙ୍କୁ ନ ଜଣାଇ ନୱାଜ୍ ଘରକୁ ଫେରି ଆସିଥିଲେ। ଶନିବାର ସମିମା ପୁଅ ସହ ଗାଡିରେ ବସି ବଜାର ଯାଉଥିଲେ। ହେଲମେଟ୍ ନ ଥିବାରୁ ସେ ଶ୍ୱଶୁରଙ୍କ ଘରକୁ ଯାଇଥିଲେ। ସେଠାରେ ସ୍ୱାମୀ ନୱାଜ୍ ଓ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ମରଣାତ୍ମକ ଆକ୍ରମଣ କରିଥିଲେ। ସାଙ୍ଗରେ ଥିବା ପୁଅ ସହାୟତାରେ ସମିମାଙ୍କୁ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଚିକିତ୍ସା ପରେ ସମିମା ସୋମବାର ସନ୍ଧ୍ୟାରେ ସ୍ୱାମୀ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି।

### ସାମାଜିକ ବାସନ୍ଦ, ଥାନାରେ ଅଭିଯୋଗ

ମହାକାଳପଡ଼ା, ୧୧।୧(ଡି.ଏନ.ଏ.): ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ବତୀଘର ପଞ୍ଚାୟତ ଉତ୍ତର ବରକୋଳିଖୋଲା ଗାଁର ସୁବାଶ ମାଝିଙ୍କୁ ସାମାଜିକ ବାସନ୍ଦ କରାଯାଇଛି। ତାଙ୍କ ବାଡିରୁ ଶନିବାର ବିଳମ୍ବିତ ରାତିରେ ନଳକୂପ ଚୋରି ହେବା ନେଇ ଥାନାରେ ସେ ଅଭିଯୋଗ କରିଥିଲେ। ଗାଁର କେତେଜଣ ଲୋକ ତାଙ୍କ ଧାନ ଫସଲ ନଷ୍ଟ କରିବା, ପୋଖରୀରୁ ମାଛ ଧରିନେବା, ନଳକୂପରୁ ପିଇବା ପାଣି ବନ୍ଦ କରିବା ଆଦି ବାସନ୍ଦ କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପୋଲିସ ମାମଲା ରୁଜୁ କରି ନୀରବଦ୍ରଷ୍ଟା ସାଜିଛି। ସରକାରୀ ନଳକୂପରୁ ପାଣି ନେବାକୁ ବାରଣ କରଯାଇଥିଲା। ପରେ ସୁବାଶ ନିଜ ବାଡିରେ ଏକ ନଳକୂପ ବସାଇ ପାଣିକୁ ବ୍ୟବହାର କରୁଥିଲେ। ଥାନାରେ ରବିବାର ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସୁବାଶ ଅଭିଯୋଗ କରିଛନ୍ତି।

### ଅଟୋ ସେବା ସଂଘର ବାର୍ଷିକ ଅଧିବେଶନ

ଓଡ଼ଗାଁ, ୧୧।୧(ସ୍ୱ.ପ୍ର.): ନୟାଗଡ ଜିଲା ଓଡ଼ଗାଁ ଶ୍ରୀରଘୁନାଥ ଅଟୋ ସେବା ସଂଘର ବାର୍ଷିକ ସାଧାରଣ ଅଧିବେଶନ ତଥା ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବୁଢ଼ାବୁଢ଼ିଆଣି ସାପେଟା ତୋଟାରେ ରବିବାର ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କର୍ମକର୍ତ୍ତା ଭାବେ ବିଷ୍ଣୁପ୍ରସାଦ ମହାପାତ୍ର ସଭାପତି, ତ୍ରିଲୋଚନ ସାହୁ ଉପସଭାପତି, ଅଶୋକ କୁମାର ଜୁନୋ ସମ୍ପାଦକ ଓ ପରମେଶ୍ୱର ସାହୁ ସହ ସମ୍ପାଦକ ଏବଂ ପ୍ରଭାତ ପାଣିଗ୍ରାହୀ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

### ପୁରୀ ରାଧା ବଲ୍ଲଭ ମଠ ମହନ୍ତଙ୍କ ପିତୃ ବିୟୋଗ

ନାଉଗାଁ,୧୧।୧(ସ୍ୱ.ପ୍ର): ପୁରୀ ରାଧାବଲ୍ଲଭ ମଠ ମହନ୍ତ ଶ୍ରୀ ରାମକୃଷ୍ଣ ଦାସମହାରାଜଙ୍କ ପିତା ସତ୍ୟାନନ୍ଦ ଦାସଙ୍କ ସୋମବାର ବିୟୋଗ ଘଟିଛି। ସେ ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତର ଚାନ୍ଦଖାଁପାଟଣା ଗ୍ରାମରେ ରୁହନ୍ତି। ହଠାତ ସେ ଅସୁସ୍ଥ ହେବାରୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଶେଷ ଦର୍ଶନ ନିମନ୍ତେ ମହନ୍ତ ଦାସ ପୁରୀରୁ ଆସି ଚାନ୍ଦଖାଁପାଟଣାରେ ପହଞ୍ଚିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ ମହାରାଜ ପ୍ରମୁଖ ପହଞ୍ଚି ସତ୍ୟାନନ୍ଦଙ୍କ ଶେଷ ଦର୍ଶନ କରିଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ବ୍ୟକ୍ତ କରାଯାଇଛି।

### ଛେଳି ପାଳନ ତାଲିମ

ଜେନାପୁର,୧୧।୧(ଡି.ଏନ.ଏ.): ବ୍ଲକସ୍ତରୀୟ ଦୁଇଦିନିଆ ଛେଳି ପାଳନ ତାଲିମ ଶିବିର ଧର୍ମଶାଳା ବ୍ଲକ ପ୍ରାଣୀ ଚିକିତ୍ସାଳୟ ପରିସରରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଞ୍ଜନ କୁମାର ସେଠୀଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବୈକୁଣ୍ଠ ତ୍ରିପାଠୀ, ଡା.ସୁବାସ ଚନ୍ଦ୍ର ଜେନା, ଡା. ନିବେଦିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଗରିବ ଲୋକେ ଓ ଯୁବପିଢ଼ି କିପରି ଛେଳି ପାଳନରୁ ଲାଭବାନ ହୋଇପାରିବେ ସେ ସମ୍ପର୍କରେ କୁହାଯାଇଥିଲା।

# କାୟା ବିସ୍ତାର କରୁଛି ବ୍ରାଉନ୍‌ସୁଗାର ର୍‍ୟାକେଟ୍

**ଜଗତ୍‌ସିଂହପୁର ଅଫିସ, ୧୧।୧**

ଜଗତ୍‌ସିଂହପୁର ସଦରମହକୁମା ସମେତ ସମଗ୍ର ଜିଲାରେ ବ୍ରାଉନସୁଗାର କାରବାର ବଢ଼ିବାରେ ଲାଗିଛି। ଏହା ଅବକାରୀ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ବହୁ ଯୁବଗୋଷ୍ଠୀ ଏହି ଧଳାଜହର କବଳରେ ପଡ଼ି ନିଜର ଭବିଷ୍ୟତ ନଷ୍ଟ କରୁଛନ୍ତି।

ଜଗତ୍‌ସିଂହପୁର ବ୍ଲକ ତର୍ତ୍ତଙ୍ଗ ଅଞ୍ଚଳର ଜଣେ ଉଚ୍ଚଶିକ୍ଷିତ ଯୁବକ କିଛି ଦିନ ପୂର୍ବେ ଅବକାରୀ ବିଭାଗ ଜାଲରେ ପଡିଥିଲେ। ତାଙ୍କଠାରୁ ୩୦୦ ଗ୍ରାମ ବ୍ରାଉନ୍‌ସୁଗାର (ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା) ସହ ଏକ ରେସିଂ ବାଇକ୍ ଓ ପିସ୍ତଲ ଜବତ ହୋଇଥିଲା। ସମ୍ପୃକ୍ତ ଯୁବକ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଇଞ୍ଜିନିୟରିଂ କଲେଜରୁ ବି. ଟେକ୍ ପାସ୍ କରିଥିବା ତଦନ୍ତ ସମୟରେ ଜଣାପଡିଥିଲା। ସେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଭଡ଼ା ଘରେ ଥିବା ବେଳେ ପ୍ରଥମେ ୧୦/୧୫ ଜଣ ସାଙ୍ଗଙ୍କ ସହ ମିଶି ବ୍ରାଉନ ସୁଗାର ସେବନ ଆରମ୍ଭ କରିଥିଲେ। ଧୀରେ ଧୀରେ ସେ ବ୍ରାଉନ ସୁଗାର କବଳକୁ ଚାଲିଯାଇଥିଲେ। ଭୁବନେଶ୍ୱରରେ ଏହା ଅଧିକ ଦାମରେ ମିଳୁଥିବାରୁ ଖୋର୍ଦ୍ଧାରୁ କମ୍ ଦାମରେ କିଣିବାକୁ ଆରମ୍ଭ କରିଦେଇଥିଲେ। ତେବେ ବାପାଙ୍କ ଦେହାନ୍ତ ପରେ ସେ ଗାଁକୁ ଫେରିବାକୁ ବାଧ ହୋଇଥିଲେ। ଗାଁରେ ସେ ଏହି ବେଆଇନ କାରବାର ଆରମ୍ଭ କରିଦେଇଥିଲେ। ଏହି ବ୍ରାଉନ ସୁଗାରକୁ ଖୋର୍ଦ୍ଧାରୁ ଜଗତ୍‌ସିଂହପୁରରେ ପହଞ୍ଚାଇବା ପାଇଁ କଟକ ବକ୍ସି ବଜାର ଅଞ୍ଚଳର ଜଣେ ବ୍ୟକ୍ତି ସହାୟତା କରୁଥିଲେ। ଏହାଭିତରେ ସମ୍ପୃକ୍ତ ଯୁବକ ଭୁବନେଶ୍ୱରସ୍ଥିତ ଏକ ଗାଡି ଶୋ'ରୁମ୍‌ର ବ୍ୟବସାୟ ପରିଚାଳକ ଭାବେ କାମ କରିଥିଲେ। କିନ୍ତୁ ନିଶା କବଳରୁ ମୁକ୍ତ ହୋଇପାରୁ ନ ଥିଲେ ବୋଲି ଅବକାରୀ ବିଭାଗ କର୍ମଚାରୀଙ୍କ ଆଗରେ ପ୍ରକାଶ କରିଛନ୍ତି। ସେହିପରି ସ୍ଥାନୀୟ ଖେରସ ଗ୍ରାମର ଜଣେ ଉଚ୍ଚଶିକ୍ଷିତ ଯୁବକ ଦେଢ ଉଁସରଦେଉଳୀ ଛକ ନିକଟରେ ଅବକାରୀ ବିଭାଗ କବ୍‌ଜାରେ ପଡ଼ିଥିଲେ। ତାଙ୍କଠାରୁ ୯.୫ ଗ୍ରାମ ବ୍ରାଉନ ସୁଗାର ଓ ନଗଦ ୨୦ ହଜାର ଟଙ୍କା ଜବତ ହୋଇଥିଲା। ୨୦୨୦ ଜାନୁୟାରୀରେ କଟକସ୍ଥିତ ଅବକାରୀ ଗୁଇନ୍ଦା ସଂସ୍ଥା ଓ ଜଗତ୍‌ସିଂହପୁର ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଗୋପାଳସାଗରସ୍ଥିତ ଏକ ସିନେମା ହଲ୍ ନିକଟରେ ଚଢାଉ କରାଯାଇଥିଲା। ଏହି ସମୟରେ ୨୧ ଗ୍ରାମ ବ୍ରାଉନ ସୁଗାର ଜବତ ସହ ଜଣଙ୍କୁ ଗିରଫ କରାଯାଇଥିଲା। ଉକ୍ତ ବର୍ଷ ୩ ଜାନୁୟାରୀରେ ଜିଲା ଅବକାରୀ ବିଭାଗ, ଅବକାରୀ ଗୁଇନ୍ଦା ସଂସ୍ଥା ଓ ଜଗତ୍‌ସିଂହପୁର ଥାନା ପକ୍ଷରୁ ଜିଲା ମୁଖ୍ୟାଳୟର ପୃଥକ ସ୍ଥାନରେ ଚଢାଉ କରାଯାଇ ୩୮ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି କୁଜଙ୍ଗ ଷଣ୍ଢକୁଦ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନିକଟରୁ ୩୬ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା।

ଏ ସମ୍ପର୍କରେ ଅବକାରୀ ଇନ୍‌ସ୍ପେକ୍ଟର ପ୍ରତାପ କୁମାର ଦାସ କୁହନ୍ତି, ଅନେକ ସମୟରେ ବାଇକ୍ ଯୋଗେ ଏହି କାରବାର ଚାଲିଛି। ସେମାନେ ଯୋଜନାବଦ୍ଧ ଭାବେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଆଦି ଅଞ୍ଚଳରୁ ୨ରୁ ୩ଟି ବାଇକ୍‌ରେ ଆଗପଛ ହୋଇ ଯାଉଛନ୍ତି। କୌଣସି ସ୍ଥାନରେ ସନ୍ଦେହ ହେଲେ ପାର୍ଶ୍ୱ ରାସ୍ତାରେ ଖସି ଯାଉଛନ୍ତି। ପରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି କେଉଁ ଅଞ୍ଚଳକୁ କେତେ ପରିମାଣର ବ୍ରାଉନ୍ ସୁଗାର ପଠାଯିବ ତାହା ଭାଗ ହୋଇ ଚାଲିଯାଉଛନ୍ତି। ଏହା ଉପରେ ପୋଲିସ ପକ୍ଷରୁ ନଜର ରଖାଯାଇଛି। ସୂଚନାଯୋଗ୍ୟ, କଟକରୁ ଏହି କାରବାର ନିୟନ୍ତ୍ରଣ ହେଉଥିବା କୁହାଯାଉଥିବା ବେଳେ ର୍‍ୟାକେଟ୍‌ର ଚେର ବାଲେଶ୍ୱର, ଖୋର୍ଦ୍ଧା, ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ପର୍ଯ୍ୟନ୍ତ ଲମ୍ବିଛି। ଏନେଇ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ସ୍ୱାସ୍ଥ୍ୟକର୍ମୀଙ୍କ ପୁନଃ ନିଯୁକ୍ତି ପାଇଁ ଦାବିପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟକର୍ମୀମାନେ।

**କେନ୍ଦ୍ରାପଡା ଅଫିସ, ୧୧।୧**

କରୋନା ସଂକ୍ରମଣ ସମୟରେ ନିଯୁକ୍ତି ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ପୁନଃ ନିଯୁକ୍ତି ପାଇଁ ନିଖିଳ ଓଡ଼ିଶା ଅଣ ନିଯୁକ୍ତି ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ଶିଳ୍ପାରାଣୀ ଖଟୁଆ କହିଛନ୍ତି, କେନ୍ଦ୍ରାପଡା ଜିଲାର ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଓ କୋଭିଡ୍ ସ୍ୱାବ କଲେକଶନ ସେଣ୍ଟରରେ ୭୬ ଜଣ ତାଲିମପ୍ରାପ୍ତ ଏଏନ୍‌ଏମ୍ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରିଛନ୍ତି। ସେମାନେ ଦେଶର ଜରୁରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ନିଷ୍ଠାପର ଓ ସମର୍ପିତ ଭାବେ ଦାୟିତ୍ୱ ସମ୍ପାଦନ କରୁଥିଲେ। ତେବେ ପ୍ରଶାସନ ସେମାନଙ୍କୁ ୨୦୨୦ ଡିସେମ୍ବର ୩୧ରୁ ଚାକିରିରୁ ବିଦା କରିଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଫଳରେ ଜୀବିକା ହରାଇବା ସହ ପରିବାର ଚଳେଇବା ପାଇଁ ସେମାନଙ୍କ ପକ୍ଷେ ବହୁ ଅସୁବିଧା ଓ ସମସ୍ୟା ସୃଷ୍ଟି କରିବ। ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରାଯାଇ ଥିବା ଖଟୁଆ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦିକା ସଂଯୁକ୍ତା ସାହୁ, ରାଜ୍ୟ ସଂଘର ସଭାପତି ବିଷ୍ଣୁପ୍ରିୟା ଖଣ୍ଡେଇସିଂ, ଅନୁପମା ରାଉତରାୟ, ସୁଶ୍ରୀ ସାମନ୍ତରାୟ, ପୁଜାରାଣି ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ରାଶନ କେନ୍ଦ୍ର ବଦଳିବା ପ୍ରତିବାଦରେ ବିକ୍ଷୋଭ



ପଟ୍ଟାମୁଣ୍ଡାଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଖାଉଟିମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୧୧।୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌର ପରିଷଦ ୯, ୧୦ ଓ ୧୧ ନଂ. ୱାର୍ଡର ୬୪୪ ଜଣ ଖାଉଟିଙ୍କୁ ଅନ୍ୟ ଜଣେ ରିଟେଲରଙ୍କ ସହ ଯୋଡା ଯିବାରୁ ଖାଉଟିମାନେ ଦୃଢ ବିରୋଧ କରିଛନ୍ତି। ପ୍ରତିବାଦରେ ସୋମବାର ୫ ଶହରୁ ଅଧିକ ରାଶନ କାର୍ଡ ଧାରି ମହିଳାପୁରୁଷ ସୋମବାର ପୂର୍ବାହ୍ନ ୧୦ଟାରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଆମ ରିଟେଲର ବ୍ୟତୀତ ଅନ୍ୟ କୌଣସି ରିଟେଲର ପାଖକୁ ଯିବୁନାହିଁ। ନଚେତ ଆମକୁ ରାଶନ ସାମଗ୍ରୀ ଏଇଠାରୁ ଦିଅ ବୋଲି କହି, ଅନ୍ୟାୟ ଓ ବେଆଇନ ଭାବେ ରାଜନୈତିକ ଚାପରେ ରିଟେଲର ବନମାଳୀ ଲେଙ୍କାଙ୍କୁ ହଟାଇବା ନେଇ ଦୃଢ଼ ବିରୋଧ କରିଥିଲେ। ଜଣେ ହେଲେ କେଉଁ ଖାଉଟି ତାଙ୍କ ବିରୋଧରେ ଅଭିଯୋଗ କରି ନ ଥିବା ବେଳେ ତାଙ୍କୁ ପୁଣି ରିଟେଲର ଦାୟିତ୍ୱ ଦେବାକୁ ଦାବି କରିଥିଲେ। ଖବରପାଇ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଓ ନେତାମାନେ ବିକ୍ଷୋଭ ସ୍ଥଳରେ ପହଞ୍ଚିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ସହ ରିଟେଲର ବନମାଳୀଙ୍କୁ କାହିଁକି କଟାଗଲା ବୋଲି ପଚାରି ଥିଲେ। ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଇଁ କୌଣସି ଉତ୍ତର ଦେଇ ପାରି ନ ଥିଲେ। ପ୍ରାକ୍ତନ ବିଧାୟକ ମହାନ୍ତି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତଙ୍କ ସହ ମୋବାଇଲରେ ଆଲୋଚନା କରି ରିଟେଲର ବନମାଳୀଙ୍କୁ ପୁନଃ ନିଯୁକ୍ତି ଦେବାକୁ କହିଥିଲେ। ୩ ଦିନ ଭିତରେ ରିଟେଲରଙ୍କ ନିଯୁକ୍ତି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଏହି ଧାରଣାରେ ସେକ କଫିର, ପ୍ରଦୂଷ ଦାଶ, ଗୟାଧର ମାଲିକ, କୁନି ମଲିକ, ପୂର୍ଣ୍ଣା ସେଠୀ ,ଯୋବେଦା ବେବି, ସାବିତ୍ରୀ ମଲିକ, ଅନୁଶୟା ମଲିକ, ପୂର୍ଣ୍ଣିମା ଲେଙ୍କା, ସୁମା ମଲିକଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ ରାଶନ କାର୍ଡ ଧରି ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ଓ ପୌର ନିର୍ବାହୀ ଅଧିକାରୀଙ୍କ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟା ୨୦ରେ ବିକ୍ଷୋଭ ଓ ଧାରଣା ହଟି ଥିଲା। ୩ ଦିନ ମଧ୍ୟରେ ରାଶନ ସାମଗ୍ରୀ ପ୍ରଦାନ କରା ନ ଗଲେ ଆମେ ଗରିବ ଖାଉଟିମାନେ କେନ୍ଦ୍ରାପଡା ଜିଲାପାଳଙ୍କୁ ଅଭିଯୋଗ କରିବୁ ବୋଲି ଚେତାବନୀ ଦେଇଥିଲେ।

## ଖଣି ନିଗମ ପ୍ରସ୍ତାବିତ ଭତ୍ତା ଦାବିରେ ଅନଶନ

**କଳିଙ୍ଗନଗର, ୧୧।୧(ଡି.ଏନ.ଏ)**

ଓଡିଶା ଖଣି ନିଗମ ଆଞ୍ଚଳିକ କାର୍ଯ୍ୟାଳୟ ନିକଟରେ ପ୍ରସ୍ତାବିତ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ଦାବିରେ ନିଗମର ପୁରାତନ କର୍ମଚାରୀ ସଂଘ ଯାଜପୁର ରୋଡ ଶାଖା ପକ୍ଷରୁ ସୋମବାଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରିଲେ ଅନଶନ ଆରମ୍ଭ ହୋଇଛି। କର୍ମଚାରୀମାନେ ଗତ ୨୮ ବର୍ଷ ହେବ ଏ ନେଇ ଲଢ଼େଇ ଜାରି ରଖିଛନ୍ତି। ଏହି ମାମଲା ଜିଲା କୋର୍ଟରୁ ଆରମ୍ଭ କରି ହାଇକୋର୍ଟ ଯାଏଁ ଯାଇଛି। ତା୨୩.୦୧.୨୦୧୯ରେ ହାଇକୋର୍ଟ ଏହି ମାମଲାର ଶୁଣାଣୀ କରି ୪ ମାସ ମଧ୍ୟରେ ପେନସନ ପ୍ରଦାନ କରିବାକୁ ରାଜ୍ୟ ସରକାର ଏବଂ ଓଡିଶା ଖଣି ନିଗମକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ଭତ୍ତା ପ୍ରଦାନ କରାଯାଇନାହିଁ। ଏହି ରିଲେ ଅନଶନରେ ସଂଘ ପକ୍ଷରୁ ପୂର୍ବତନ ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା,ସଂଘର ସଭାପତି ବିଷ୍ଣୁଚରଣ ଦାସ,ସମ୍ପାଦକ ଗୋବର୍ଦ୍ଧନ ନାୟକ,କୋଷାଧ୍ୟକ୍ଷ ଆଦିତ୍ୟ ପଣ୍ଡା ଏବଂ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇ ତୁରନ୍ତ ପେନସନ ଯୋଗାଇ ଦେବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଓଡିଶା ଖଣି ନିଗମ ଆଞ୍ଚଳିକ ପରିଚାଳକ ପି.କେ.ସ୍ୱାଇଁ କୁହନ୍ତି, ଓଡିଶା ଖଣି ନିଗମ ଆଞ୍ଚଳିକସ୍ତରରେ କୌଣସି ନିର୍ଣ୍ଣୟ ନେବାର ଅଧିକାର ନାହିଁ। ଯେହେତୁ ତାଙ୍କ ଅଧୀନସ୍ଥ ଅଞ୍ଚଳରେ ଏହି ଆନ୍ଦୋଳନ ହେଉଛି ସେ ଏହି ସମ୍ବନ୍ଧୀୟ ସମସ୍ତ ଦାବିପତ୍ର ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇ ଦେଇଥିବା କହିଛନ୍ତି।

## ବିଜେଡି ଗାର୍ଲସ୍ ୱିଙ୍ଗସ୍ ଗଠିତ

**ଧର୍ମଶାଳା,୧୧।୧(ଡି.ଏନ୍.ଏ.)**

ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଆହ୍ୱାନ କ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର ଗାର୍ଲସ୍ ୱିଙ୍ଗସ୍ ଗଠନ କରାଯାଇଛି । ଏହି ଅବସରରେ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଧର୍ମଶାଳା ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ଓ ବିଜେଡି ମିଡିଆସେଲର ଅଧ୍ୟକ୍ଷ ସଂଗ୍ରାମ କେଶରୀ ଜେନା ଯୋଗଦେଇ ଗାର୍ଲସ ୱିଙ୍ଗସ୍ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ । ଗାର୍ଲସ ୱିଙ୍ଗସ୍ ନିର୍ବାଚନମଣ୍ଡଳୀ ସଭାପତି ଭାବେ କ୍ଷିରାବ୍ଧି ତନୟା ମଲିକ, ମହାସଚିବ ମନେରାମା ଦାସ, ଉପସଭାପତି ମଧୁସ୍ମିତା ମହାନ୍ତି, ମନିଷା ଦାସ, ରାଜଶ୍ରୀ ଲେଙ୍କା, ସୋନାଲିକା ପଣ୍ଡା, ରୋଜାଲିନ ଜଟ, ସାଧାରଣ ସମ୍ପାଦିକା ଭାବେ ପ୍ରଦୀପ୍ତା ପ୍ରିୟଦର୍ଶନୀ ରାଉତ, ତେଜସ୍ୱିନୀ ରାଉତ, ସଫଳା ବେହେରା, ସ୍ୱର୍ଣ୍ଣଲତା ନାୟକ, ସୀମା ଜେନା, ପୂଜା ପ୍ରିୟଦର୍ଶନୀ ସେଠୀ, କଳ୍ପନା ମହାରଣା, ସାଇନା ଖାତୁନ, ନିରୂପମା ଲେଙ୍କା, ଶୁଭସ୍ମିତା ପଣ୍ଡା ମନୋନୀତ ହୋଇଛନ୍ତି। ଏଥିସହିତ ୧୧ନଂ. ଜୋନ ସଭାପତି ଭାବେ ଅନୀତା ବେହେରା, ୧୨ନଂ. ଶ୍ୱେତାଲୀନା ବରାଳ, ୧୩ନଂ. ସ୍ମୃତିରେଖା ବେହେରା, ୧୪ନଂ. ସୁଜାତା ଦାଶ, ୧୫ନଂ. ଲିଜାରାଣୀ ମହାନ୍ତି ଓ ୩୪ନଂ. ଜୋନର ସଭାପତି ଭାବେ ସୌଦାମିନୀ ସାମଲ ଓ ନିର୍ବାଚନମଣ୍ଡଳୀର ଡିଜିଟାଲ ସମ୍ପାଦକ ବୈଜୟନ୍ତୀ ଭୂତିଆ ମନୋନୀତ ହୋଇଛନ୍ତି। ଆୟୋଜିତ ସଭାରେ ରସୁଲପୁର ବ୍ଲକ ବିଜେଡି ସଭାପତି ଅରୁଣ ରାଉତ, ଜିଲା ଯୁବ ବିଜେଡି ଉପସଭାପତି ସୁବ୍ରତ ଧଳ, ଜିଲା ସମ୍ପାଦକ ସବ୍ୟସାଚୀ ସୁନ୍ଦରରାୟ ଓ ଯତୀନ୍ଦ୍ର ପ୍ରଧାନ ଯୋଗଦେଇ ଗାର୍ଲସ ୱିଙ୍ଗସ ଗଠନର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ବରିଷ୍ଠ ନାଗରିକମାନେ ପରିବାର ସମ୍ପତ୍ତି



ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାମାନେ।

**ରସୁଲପୁର,୧୧।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ଡିହ କୁରାଂଶସ୍ଥିତ ଶୈବପୀଠରେ ସୋମବାର ବାପୁଜୀ ବରିଷ୍ଠ ସଂଘ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ସଂଘର ପୂର୍ବତନ ଅଧକ୍ଷ ଶଶୀଭୂଷଣ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ପ୍ରାକ୍ତନ ଶିକ୍ଷକ ହାଡିବନ୍ଧୁ ରଣା ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ପରିବାରର ସମ୍ପତ୍ତି ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ସାମ୍ବାଦିକ ୟୁନିୟନର କାର୍ଯ୍ୟକାରୀ ସଭାପତି ରଞ୍ଜିତ ରାଉତ, ବରିଷ୍ଠ ନାଗରିକ ସଂଘର ସଂଯୋଜକ ସମରବୀର ଶରଣ, ବାପୁଜୀ ବରିଷ୍ଠ ନାଗରିକ ସଂଘର ସଭାପତି ଜଳଧର ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଂଘର କୋଷାଧକ୍ଷ ବାଈଧର ଦାସ, ଉପଦେଷ୍ଟା ଯୋଗେନ୍ଦ୍ର ପଣ୍ଡା, ବିଜୟ ଦାଶ, ଅର୍ଜୁନ ଚରଣ ସାହୁ, ବେଣୁଧର ସାହୁ, ଭିକାରୀ ଚରଣ ଜେନା, ବିଜୟ ସାହୁ, ନରୋତ୍ତମ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ବଟକୃଷ୍ଣ ସାହୁ ଭାଗବତ ପାଠ କରିଥିବା ବେଳେ ଆନନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟଅତିଥି ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫେବୃୟାରୀ ୧୦ରେ ଫାଇଲେରିଆ ଔଷଧ ବଣ୍ଟନ

**ନୟାଗଡ ଅଫିସ,୧୧।୧**

ଜିଲାସ୍ତରୀୟ ଖାଦ୍ୟ ସୁରକ୍ଷା ପରାମର୍ଶଦାତା କମିଟି ବୈଠକ ସୋମବାର ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତା କରିଥିଲେ। ସେ ଖାଦ୍ୟ ସୁରକ୍ଷା ପାଇଁ ସିଏସ୍‌ଓ, ସିଡିଭିଓ ପରି ବିଭାଗର ଭୂମିକା ଓ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ପୃକ୍ତ ବିଭାଗରେ ଖାଦ୍ୟ ସୁରକ୍ଷା ସମ୍ପର୍କରେ ବିହୀତ ପଦକ୍ଷେପ ଗ୍ରହଣ କରାଯାଇ ପଞ୍ଜୀକରଣ କରିବା ସହ ରାଜସ୍ୱ ଆଦାୟ କରିବାକୁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଫାଇଲେରିଆ ରୋଗକୁ ନିରାକରଣ କରିବାକୁ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଫେବୃୟାରୀ ୧୦ରୁ ଆରମ୍ଭ ହେବାକୁ ବୈଠକରେ ସ୍ଥିର କରାଯାଇଛି। ଫାଇଲେରିଆ ରୋଗ ପାଇଁ ବଟିକା ଠିକ୍ ଭାବେ ଯେପରି ପ୍ରଦାନ କରାଯିବ ସେଥିପ୍ରତି ଯତ୍ନବାନ ହେବାକୁ ସମସ୍ତ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ମଶାରି ବଣ୍ଟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କୋଭିଡ୍ ନିରାକରଣ ପାଇଁ ଟିକା ପ୍ରଦାନ ସମ୍ପର୍କୀୟ ବୈଠକ ମଙ୍ଗଳବାର ଜିଲାର ପ୍ରତି ବ୍ଲକରେ ବିଡିଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ବୈଠକରେ ଡାକ୍ତର, ଥାନା ଅଧିକାରୀ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିବାକୁ କହିଛନ୍ତି। ଚଳିତ ମାସ ୧୬ ତାରିଖରୁ ଟିକାକରଣ କରାଯାଉ ଥିବାରୁ ସେଥିପାଇଁ ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ବନଖଣ୍ଡ ଅଧିକାରୀ ଏଚ.ଡି. ଧନରାଜ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଫେବୃୟାରୀ ୭ରୁ ଓଳାଶୁଣୀ ମେଳା

**ଚଣ୍ଡିଖୋଲ,୧୧।୧(ଡି.ଏନ.ଏ)**

**କରୋନା କଟକଣାରେ ପାଳନ ପାଇଁ ସହମତି**

ଯାଜପୁର ଜିଲାର ପ୍ରସିଦ୍ଧ ଓଳାଶୁଣୀ ମେଳା ଆସନ୍ତା ଫେବୃୟାରୀ ୭ରୁ ଆରମ୍ଭ ହେବ। ଏହି ମେଳା ସମ୍ପର୍କରେ ପାହାଡ଼ର ଶୀର୍ଷ ଦେଶରେ ଥିବା ଗଣେଶ ମଣ୍ଡପ ପରିସରରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ପରିଷଦର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। କୋଭିଡ଼ କଟକଣା ଯୋଗୁ ଚଳିତ ବର୍ଷ ହେବାକୁ ଥିବା ମେଳା କିପରି ପରିଚାଳନା କରାଯିବ ସେଥିନେଇ ବଡ଼ଚଣା ଓ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀମାନେ ଆଲୋଚନା କରିଥିଲେ। ଯାଜପୁର ଜିଲା ପ୍ରଶାସନକୁ ମେଳା ସମ୍ପର୍କରେ କମିଟି ତରଫରୁ ଏକ ପ୍ରସ୍ତାବ ପ୍ରଦାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଓଳାଶୁଣୀ ମଠର ମହନ୍ତ ନାମାନନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମେଳାର ସୁପରିଚାଳନା ନେଇ ରିଦ୍ରନାରାୟଣ ସିଂହ, ନୃସିଂହ ଚରଣ ଜେନା, ଦୀଲିପ କୁମାର ସାମଲ, ରତିକାନ୍ତ ସାମଲ, ଅନୀଲ ଭୁୟାଁ, ମହେନ୍ଦ୍ର କୁମାର ସିଂହ, ରୁଦ୍ର ପ୍ରସନ୍ନ ସାମଲ, ଅଶୋକ ସାମଲ, ରାଜ କିଶୋର ଭୁୟାଁ, ବିଭୁତି ସାମଲ , ଉମେଶ ସାମଲ, ଦୋଳଗୋବିନ୍ଦ ସାମଲ ପ୍ରମୁଖ ଆଲୋଚନା କରିଥିଲେ। ପଳାଇ, ବିକ୍ରମତିରଣ, ଭରତପୁର, ବରଦା, ବାଲିପଡ଼ିଆ, ଲଳିତଗିରି ପ୍ରମୁଖ ପଞ୍ଚାୟତବାସୀ କରୋନା କଟକଣା ଭିତରେ ମେଳା କରାଯିବ ନେଇ ସହମତି ପ୍ରକାଶ କରିଥିଲେ।

# 'ସାମାଜିକ, ଆର୍ଥିକ ବିକାଶରେ ସରକାର ବାଧକ'

**ଯାଜପୁର ଟାଉନ,୧୧।୧(ଡି.ଏନ୍.ଏ.)**



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ନେତୃବୃନ୍ଦ।

ଗତ ୨୧ ବର୍ଷ ଧରି ଅନୁସୂଚୀତ ଜାତି ଛାତ୍ରୀଛାତ୍ରଙ୍କୁ ଅବହେଳା କରିଆସୁଛନ୍ତି ରାଜ୍ୟ ସରକାର। ସେମାନଙ୍କ ନିଯୁକ୍ତି କ୍ଷେତ୍ରରେ ୧୬ ପ୍ରତିଶତ ଓ ଶିକ୍ଷା କ୍ଷେତ୍ରରେ ମାତ୍ର ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଟେକ୍ନିକାଲ କଲେଜରେ ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରମାନଙ୍କ ପାଇଁ ୨୩ ଓ ୧୬ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବା ସମୟରେ ରାଜ୍ୟସରକାର ୨୩ ପ୍ରତିଶତ ପରିବର୍ତ୍ତେ ୧୨ ପ୍ରତିଶତ ଏବଂ ୧୬ ପ୍ରତିଶତ ପରିବର୍ତ୍ତେ ୮ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି ବୋଲି ଯାଜପୁର ଜିଲା ଭାଜପା ଅନୁସୂଚୀତ ଜାତି ମୋର୍ଚ୍ଚା ସଭାପତି ଗୁରୁଚରଣ ସେଠୀ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।

ଏହି ଅବସରରେ ସେ କହିଛନ୍ତି, ୧୯୮୯ର ନ୍ୟାଶନାଲ ସିଡ୍ୟୁଲକାଷ୍ଟ ଫାଇନାନ୍‌ସିଆଲ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ ଜରିଆରେ ଲୋକମାନଙ୍କୁ ଋଣ ଦେବା ପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି। ୩ଲକ୍ଷରୁ ଅଧିକ ରୋଜଗାର ଥିବା ଅନୁସୂଚୀତ ଜାତି ଲୋକଙ୍କୁ ରାଜ୍ୟ ସରକାର ଋଣ ଦେବାର ବ୍ୟବସ୍ଥା କରିବା କଥା। ମାତ୍ର ୨୦୧୭-୧୮ ରେ ୨୬୯ ଜଣଙ୍କୁ ୩ କୋଟି ୯୨ ଲକ୍ଷ , ୨୦୧୮-୧୯ରେ ୨୭୭ ଜଣଙ୍କୁ ୩ କୋଟି ୧୨ ଲକ୍ଷ, ୨୦୧୯-୨୦ରେ ୨୦୧ ଜଣଙ୍କୁ ୧ କୋଟି ୭୭ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଛନ୍ତି। ୩ ବର୍ଷ ମଧ୍ୟରେ ରାଜ୍ୟସରକାର ମାତ୍ର ୪୪୭ ଜଣଙ୍କୁ ଋଣ ଦେବାରେ ବ୍ୟବସ୍ଥା କରିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଏହା ବହୁତ କମ୍। ରାଜ୍ୟରେ ଭିଜିଲାନ୍ସ ଆଣ୍ଡ ମନିଟରିଂ କମିଟି ଓ ଷ୍ଟେଟ୍ ସିଡ୍ୟୁଲକାଷ୍ଟ ୱେଲଫେୟାର ବୋର୍ଡର ଅଧକ୍ଷ ଖୋଦ୍ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏହି କମିଟିର ବୈଠକ ବସୁନାହିଁ। ଏହିକାରଣରୁ ଅନୁସୂଚୀତ ଜାତି ଲୋକଙ୍କର ସୁରକ୍ଷା ଓ ଉନ୍ନତିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଏକ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ସାରା ଦେଶର ଅନୁସୂଚୀତ ଜାତି ବର୍ଗର ଛାତ୍ରୀଛାତ୍ରମାନେ ମାଟ୍ରିକ ପାସ୍ କଲାପରେ ଉଚ୍ଚଶିକ୍ଷା ପାଇଁ ପୋଷ୍ଟ ମାଟ୍ରିକ ସ୍କୋଲାର ସିପ୍ ୫ ଗୁଣରୁ ଅଧିକ ପାଇବେ। ମାଟ୍ରିକ ପରେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ପ୍ରାୟ ୧ କୋଟି ୩୬ ଲକ୍ଷ ଅନୁସୂଚିତ ଜାତିର ଗରିବ ଛାତ୍ରୀଛାତ୍ର ଶିକ୍ଷାକ୍ଷେତ୍ରରେ ଆଗକୁ ବଢ଼ିପାରିବେ। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ୨୦୨୧ ରୁ ୨୦୨୬ ପର୍ଯ୍ୟନ୍ତ ସମୁଦାୟ ୫୯,୦୪୮ କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେଥିରେ ୬୦:୪୦ ଅନୁପାତରେ କେନ୍ଦ୍ର ସରକାର ୩୫,୫୩୪ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଯାଜପୁର ଜିଲା ଭାଜପା ଅନୁସୂଚୀତ ଜାତି ମୋର୍ଚ୍ଚା ସଭାପତି ସେଠୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରବିନାରାୟଣ ବେହେରା, ଭାଜପା ଏମ୍‌ପି ପ୍ରାର୍ଥୀ ଅମୀୟ କାନ୍ତ ମଲ୍ଲିକ, ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡି ଧକ୍କାରେ ବାଇକ ଆରୋହୀ ମୃତ

ପାଣିକୋଇଲି,(ଡି.ଏନ.ଏ.): ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅଧୀନ ଷଠିପୁର ଛକ ଡାଇଭରଶନ ନିକଟରେ ସୋମବାର ଏକ ଗାଡି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭଦ୍ରକ ଜିଲା ଅନ୍ନପାଳ ଓକରା ଗ୍ରାମର ପ୍ରଶାନ୍ତ ଜେନା (୨୩)। ପୁରୀରୁ ସେ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ପ୍ରଶାନ୍ତଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ମାମଲା ପାଣିକୋଇଲି ଥାନାରେ ରୁଜୁ ହୋଇଛି।

# ଦେଢ଼ବର୍ଷରେ ବନ୍ଦ ହୋଇଛି ୧୨ ବାଲ୍ୟବିବାହ

**କେନ୍ଦ୍ରାପଡ଼ା ଅଫିସ, ୧୧।୧**

- ଏସ୍‌ଏସ୍‌ଜି ସଦସ୍ୟାଙ୍କୁ ଦିଆଯାଉ ଦାୟିତ୍ୱ
- ସଚେତନତା କାର୍ଯ୍ୟକ୍ରମ ସନ୍ଦେହ ଘେରରେ
- ଜିଲାରେ ନାହାନ୍ତି ଡିସିପିଓ

ବେଟି ବଚାଓ, ବେଟି ପଢ଼ାଓ ସ୍ଲୋଗାନ କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳରେ କାର୍ଯ୍ୟ କରୁନାହିଁ। ଜିଲାର ମହାକାଳପଡା, ରାଜନଗର ବ୍ଲକ ଅଞ୍ଚଳରେ ୧୮ବର୍ଷ ହେବା ପୂର୍ବରୁ ନାବାଳିକାଙ୍କ ବିବାହ ହେଉଛି। ୨୦୧୭ରେ ଜିଲାରେ ୪ଟି ବାଲ୍ୟ ବିବାହକୁ ରୋକାଯାଇଥିଲା। ୨୦୧୯ରୁ ୨୦୨୦ ଜୁଲାଇ ଦେଢ଼ବର୍ଷ ମଧ୍ୟରେ ୧୨ଟି ବାଲ୍ୟ ବିବାହ ରୋକାଯାଇଛି। ଏହାବାଦ ସମସ୍ତଙ୍କ ଅଜାଣତରେ ପ୍ରତିବର୍ଷ ଶତାଧିକ ବାଲ୍ୟ ବିବାହ ହେଉଛି। ଜିଲାରେ ଦୀର୍ଘ ଦେଢ଼ବର୍ଷ ହେଲା ଡିସିପିଓ ନ ଥିବା ବେଳେ ସଚେତନତା କାର୍ଯ୍ୟକ୍ରମକୁ ନେଇ ବୁଦ୍ଧିଜୀବୀଙ୍କ ସନ୍ଦେହ ବଢୁଛି। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏସ୍‌ଜି)କୁ ବାଲ୍ୟ ବିବାହ ରୋକିବା ଦାୟିତ୍ୱ ମିଳିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କୁହନ୍ତି, ବାଲ୍ୟ ବିବାହ ସମାଜ ପାଇଁ ଏକ କଳଙ୍କ। ଏହାର ନିରାକରଣ ପାଇଁ ବାଲ୍ୟ ବିବାହ ନିରୋଧ ଅଧିନିୟମ ୨୦୦୬ ଓ ଓଡ଼ିଶା ବାଲ୍ୟ ବିବାହ ନିରୋଧ ନିୟମ ୨୦୦୯ କାର୍ଯ୍ୟକାରୀ ହେଉଛି। ଏପରି ଘଟଣା ସମୟକ୍ରମେ ଜୁଭେନାଇଲ ଜଷ୍ଟିସ ଆକ୍ଟ ୨୦୧୫ ଓ ମଡେଲ ଆକ୍ଟ ୨୦୧୬ରେ ପୋକ୍‌ସୋ କୋର୍ଟକୁ ଆସୁଛି। କେନ୍ଦ୍ର, ରାଜ୍ୟ ସରକାର ଏ ନେଇ ମହିଳା ଓ ଶିଶୁ ବିଭାଗ, ମିଶନ ଶକ୍ତି ବିଭାଗ, ରାଜ୍ୟ ମହିଳା ସମ୍ବଳ କେନ୍ଦ୍ର, ଚାଇଲଡ ୱେଲଫେୟାର କମିଟି, ଡିଷ୍ଟ୍ରିକ୍ଟ ଚାଇଲଡ ପ୍ରୋଟେକ୍ସନ ୟୁନିଟ ଆଦି ଗଠନ କରିଥିଲେ। ହେଲେ ତୃଣମୂଳସ୍ତରରେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଓଡ଼ିଶାରେ ବାଲ୍ୟ ବିବାହ ଘଟଣା ସଂଖ୍ୟା ସର୍ବ ଭାରତୀୟସ୍ତରରେ ୨୧ ପ୍ରତିଶତ ଥିବା ବେଳେ କେନ୍ଦ୍ରାପଡା ଜିଲାରେ ଏହାର ହାର ୧୨ ପ୍ରତିଶତରୁ ଅଧିକ। ନାବାଳିକାଙ୍କ ପ୍ରତି ଅନ୍ୟାୟ ହେଉଥିବାରୁ ଏହାକୁ ରୋକିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଆନ୍ତର୍ଜାତିକ ମାନବାଧିକାର ପରିଷଦର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ ଚନ୍ଦ୍ର ପାଢୀ କୁହନ୍ତି, ରାଜନଗର, ମହାକାଳପଡା ବ୍ଲକରେ ବାଲ୍ୟ ବିବାହ ସଂଖ୍ୟା ଅଧିକ। ଦାରିଦ୍ର୍ୟ ସହ ସଚେତନତା ଅଭାବ, ପାରମ୍ପରିକ ରୀତିନୀତି, ଅନୁପ୍ରବେଶକାରୀଙ୍କୁ ସଂରକ୍ଷଣ ଆଦି କାରଣରୁ ଏଠାରେ ବାଲ୍ୟ ବିବାହ ବଢୁଛି। ଏହି ଦୁଇ ବ୍ଲକରେ ବଙ୍ଗଭାଷୀଙ୍କ ସଂଖ୍ୟା ଅଧିକ। ଏଠାରେ ପ୍ରତିବର୍ଷ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଛି। ଜିଲାରେ ସ୍ଥାୟୀ ବସବାସ ସହ ସମ୍ପର୍କ ଗଠନ ଉଦ୍ଦେଶ୍ୟରେ ନାବାଳିକାଙ୍କୁ ବିବାହ ପରି ହୀନ କାର୍ଯ୍ୟରେ ପରିବାର ସଦସ୍ୟ ଏଭଳି କରୁଛନ୍ତି। ତୃଣମୂଳସ୍ତରରେ ଏହାକୁ ରୋକିବାକୁ ସ୍ଥାନୀୟ ଏସ୍‌ଏସ୍‌ଜିଙ୍କୁ ଦାୟିତ୍ୱ ଦିଆଯାଉ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ଜିଲା ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ଏ ନେଇ ତତ୍ପର ହେବା କଥା। ତେବେ ଜିଲାରେ ଏହି ବିଭାଗ ସ୍ଥାଣୁ ପାଲଟିଛି। ଦେଢବର୍ଷ ମଧ୍ୟରେ ଡେରାବିଶ ବ୍ଲକ ଅଞ୍ଚଳରେ ୧୩ଟି, ରାଜକନିକାରେ ୪୫ଟି ଓ ରାଜନଗର ବ୍ଲକ ଅଞ୍ଚଳରେ ବାଲ୍ୟ ବିବାହ ରୋକିବାକୁ ୧୨୩ଟି ସଚେତନତା କାର୍ଯ୍ୟକ୍ରମ ହୋଇଛି। ଏହି ତଥ୍ୟକୁ ଆଧାର କଲେ ମାର୍ଶାଘାଇ, କେନ୍ଦ୍ରାପଡ଼ା, ଗରଦପୁର, ଆଳି ବ୍ଲକ ଅଞ୍ଚଳରେ ଆଦୌ ସଚେତନତା କାର୍ଯ୍ୟକ୍ରମ ହୋଇନାହିଁ। ସର୍ବାଧିକ ବାଲ୍ୟ ବିବାହ ହେଉଥିବା ବଙ୍ଗଭାଷୀ ଅଧ୍ୟୁଷିତ ମହାକାଳପଡ଼ା ବ୍ଲକରେ ୫ଟି ସଚେତନତା କାର୍ଯ୍ୟକ୍ରମ ହୋଇଛି। ସେହିପରି ରାଜନଗର ବ୍ଲକ ଅଞ୍ଚଳରେ ହୋଇଥିବା ଜନସଚେତନତା କାର୍ଯ୍ୟକ୍ରମ ତଦନ୍ତ ସାପେକ୍ଷ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଡିସିପିଓ ପ୍ରଭାସ ଦାସ କହିଛନ୍ତି, ଜିଲାରେ ଦେଢ଼ବର୍ଷ ମଧ୍ୟରେ ଏ ନେଇ ୧୩ଟି ମାମଲା ଆସିଛି। ୧୨ଟି ବିବାହକୁ ରୋକାଯାଇଛି। ତେବେ ସୂଚନା ନ ମିଳିବାରୁ ଅଧିକାଂଶ ବାଲ୍ୟ ବିବାହକୁ ରୋକା ଯାଇପାରୁନାହିଁ। ଏଥିସହ ସ୍ଥାୟୀ ଡିସିପିଓ ରହିଲେ ଏହି ପ୍ରକ୍ରିୟାର ଅଗ୍ରଗତି ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

# ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ



ଶିବିରରେ ଯୋଗ ଦେଇଥିବା ଭାଜପା ନେତା ଓ କର୍ମୀମାନେ।

**ଭାପୁର,୧୧।୧(ଡି.ଏନ.ଏ.)**

ନୟାଗଡ ଜିଲା ଭାପୁର ବ୍ଲକରେ ସୋମବାର ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଭାପୁର ମଣ୍ଡଳ ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଓ ମହିଳା ନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ଆୟୋଜନରେ ଭାପୁର ବାଇପାସ କଲ୍ୟାଣମଣ୍ଡପରେ ଶତାଧିକ ଦଳୀୟ କର୍ମୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ସୁରକ୍ଷା ଓ ସାମର୍ଥ୍ୟ, ଦଳୀୟ ସଙ୍ଗଠନ ଓ ଆତ୍ମ ନିର୍ଭର ଭାରତ ବିଷୟରେ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର, ଜିଲା ଉପସଭାପତି ପ୍ରଦୀପ୍ତ ପଟ୍ଟନାୟକ, ଜିଲା ସମ୍ପାଦକ ପ୍ରଦୀପ୍ତ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ ପ୍ରଧାନ, ଜିଲା ପୂର୍ବତନ ସଭାପତି ପ୍ରସନ୍ନ ଦାସ ଓ ମଣ୍ଡଳ ଜିଲା ପ୍ରତିନିଧି ମନମୋହନ ସାମନ୍ତରାୟ ଯୋଗଦେଇ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ସଂକ୍ଷେପରେ

### ଅଳଙ୍କାର ଦୋକାନରୁ ଚୋରି

ଓଡ଼ଗାଁ,୧୧।୧(ସ୍ୱ.ପ୍ର.): ଆଦର୍ଶ ଥାନା ପୋଲିସ ପାଟ୍ରୋଲିଂରେ ନିଷ୍କ୍ରିୟତା କାରଣରୁ ସ୍ଥାନୀୟ ମୁଖ୍ୟ ବଜାର ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। କିଛିଦିନ ତଳେ ଦିନ ଦ୍ୱିପ୍ରହରରେ ଗ୍ରାହକ ସାଜି ଜଣେ ଯୁବକ ଗହଣା ଦୋକାନରୁ ୭ ଲକ୍ଷ ଟଙ୍କାର ଅଳଙ୍କାର ଲୁଟି ନେଇଥିଲେ। ପୁଣି ରବିବାର ରାତିରେ ଏକ ଅଳଙ୍କାର ମରାମତି ଦୋକାନରୁ ଦୁର୍ବୃତ୍ତମାନେ କଳାକନ ବୁଲାଇବାରେ ସମର୍ଥ ହୋଇଛନ୍ତି। ଚୋରମାନେ ଦୋକାନ ଆଗରେ ଏକ ଜରୀପାଲ ବାନ୍ଧି ତାଲା ଭାଙ୍ଗି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ନିକଟରେ ଥିବା ଏକ ସିସି ଟିଭି ଫୁଟେଜ ଅନୁସାରେ ରାତି ପ୍ରାୟ ୨ଟା ୩୪ ମିନିଟ୍‌ରେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ସମ୍ପୃକ୍ତ ଦୋକାନ ନିକଟରେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି।

### ଯୁବକଙ୍କ ଆତ୍ମହତ୍ୟା

ମାର୍ଶାଘାଇ, ୧୧।୧(ଡି.ଏନ.ଏ.): ମାର୍ଶାଘାଇ ଥାନା ସାନଗାଁ ଗାଁର ଦେବେନ୍ଦ୍ର ନାଥ(୩୭) ଆତ୍ମହତ୍ୟା କରିଛନ୍ତି। ମହାକାଳପଡା ଥାନା କେୟାରବାଙ୍କ ମଠରେ ତାଙ୍କର ମୃତଦେହ ସୋମବାର ଉଦ୍ଧାର ହୋଇଛି। ପୋଲିସ ଏ ନେଇ (ନଂ.୧/୨୧)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦେବେନ୍ଦ୍ର କିଛିବର୍ଷ ପୂର୍ବେ ଘର ଛାଡି ମଠରେ ରହୁଥିଲେ। ରବିବାର ବିଳମ୍ବିତ ରାତିରେ ବିଷ ପିଇ ଦେଇଥିବା ପୋଲିସ ଅନୁମାନ କରୁଛି।

### ପୋଲିଓ ଟିକାକରଣ ସ୍ଥଗିତ

ରସୁଲପୁର,୧୧।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅଞ୍ଚଳରେ ୧୫,୯୦୧ ଶିଶୁଙ୍କୁ ପୋଲିଓ ବୁନ୍ଦା ଜାନୁୟାରୀ ୧୭ରୁ ଦିଆଯିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ୩୫୬ଜଣ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ହେଲେ ଉକ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି ବୋଲି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସମଗ୍ର ଦେଶରେ କରୋନା ଟିକାକରଣ କାର୍ଯ୍ୟକ୍ରମ ଚଳିତ ମାସ ୧୬ରୁ ଆରମ୍ଭ ହେବ। ଏଥିରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ପ୍ରମୁଖ ଭୂମିକା ରହିବ। ଫଳରେ ପୋଲିଓ କାର୍ଯ୍ୟକ୍ରମରେ ବାଧାପ୍ରାପ୍ତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଭାରତ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ପୋଲିଓ ବୁନ୍ଦା ଖୁଆଇବା କାର୍ଯ୍ୟକ୍ରମ ବନ୍ଦ ରହିବ ବୋଲି ପତ୍ର ଜରିଆରେ ଅବଗତ କରାଯାଇଛି।

### ଦଶପଲ୍ଲାରେ କୃଷକ ସଭାର ଶୋଭାଯାତ୍ରା

ଦଶପଲ୍ଲା,୧୧।୧( ଡି ଏନ ଏ): ସୋମବାର ଅଖିଳ ଭାରତ କୃଷକ ସଭା ଦଶପଲ୍ଲା ଶାଖା ପକ୍ଷରୁ ଶୋଭାଯାତ୍ରା, ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଗଣେଶ୍ୱର ନାଏକ, ଶରତ ଚନ୍ଦ୍ର ବେହେରା ଓ ବିଶ୍ୱନାଥ ମହାପାତ୍ରଙ୍କ ଦ୍ୱାରା କଳା କୃଷି ଆଇନ ପ୍ରତ୍ୟାହାର ଦାବି ନେଇ ଶତାଧିକ ଚାଷୀ ଶୋଭାଯାତ୍ରାରେ ସ୍ଥାନୀୟ ମେଳିଆ ତୋଟାରୁ ବାହାରି ଦଶପଲ୍ଲା ସହର ପରିକ୍ରମା କରି ତହସିଲ ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା କରିଥିଲେ। ଏଥିରେ ବହୁ ବକ୍ତା ଉଦ୍‌ବୋଧନ ଦେଇଥିଲେ। ପରେ ଏକ ସ୍ମାରକପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ।

### ଛେଳି ପାଳନ ତାଲିମ ଶିବିର ଉଦ୍‌ଯାପିତ

ଜେନାପୁର,୧୧।୧(ଡି.ଏନ.ଏ.): ବ୍ଲକସ୍ତରୀୟ ଦୁଇଦିନିଆ ଛେଳି ପାଳନ ତାଲିମ ଶିବିର ଧର୍ମଶାଳା ବ୍ଲକ ନିକଟ ପ୍ରାଣୀ ଚିକିତ୍ସାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜନ କୁମାର ସେଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବୈକୁଣ୍ଠ ତ୍ରିପାଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଡାକ୍ତର ସୁବାସ ଚନ୍ଦ୍ର ଜେନା, ଡାକ୍ତର ନିବେଦିତା ସାହୁ, ଡାକ୍ତର ଶୁଭ୍ରାଂଶୁ କୁମାର ରାଉତ ପ୍ରମୁଖ ଗରିବ ଲୋକେ ଓ ଯୁବପିଢ଼ି କିପରି ଛେଳି ପାଳନରୁ ଲାଭବାନ ହୋଇପାରିବେ, ସ୍ୱାସ୍ଥ୍ୟକର ପରିବେଶରେ ଛେଳି ରଖିବା ଓ ଠିକ୍ ସମୟରେ କୃମି ଚିକିତ୍ସା ଓ ଟିକାକରଣ ଉପରେ ଚାଷୀମାନଙ୍କୁ ସଚେତନ କରିଥିଲେ। ସ୍ଥାନୀୟ ଅଞ୍ଚଳର ସମସ୍ତ ପ୍ରାଣୀଧନ ନିରୀକ୍ଷକ ଶିବିର ପରିଚାଳନା କରିଥିଲେ। ଧର୍ମଶାଳା ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଛେଳି ଚାଷୀ ଯୋଗ ଦେଇଥିଲେ।

# ପଦନିପାଳକୁ ଆରମ୍ଭ ହେଲା କାଠପୋଲ ନିର୍ମାଣ


କାଠ ପୋଲ ନିର୍ମାଣ ଚାଲିଛି।

**ରାଜକନିକା, ୧୧।୧(ଡି.ଏନ.ଏ.)**

ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଳି ଧୋଇଆ ଦ୍ୱୀପାଞ୍ଚଳର ପଦନିପାଳ ଗାଁକୁ ନମତରାପଟୁ ଖରସ୍ରୋତା ନଦୀରେ ୨୫ ଲକ୍ଷ ଟଙ୍କା ବ୍ୟୟରେ କାଠ ପୋଲ କାର୍ଯ୍ୟ ସୋମବାର ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇ ଗ୍ରାମ ପଟରୁ ମାଟି ପକାଯାଇ ମଝିରେ କାଠ ବଲା ପୋତା ଚାଲିଛି। ଚଳିତ ମାସ ମଧ୍ୟରେ ଶେଷ ହେବ ବୋଲି ଜଣାପଡିଛି। ୬ମାସ ତଳେ କେନ୍ଦ୍ରାପଡା ଜିଲାପାଳ ଓ କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀଯନ୍ତ୍ରୀ ପଦନିପାଳ ଗାଁକୁ ଆସିଥିଲେ। ଗ୍ରାମବାସୀ ତାଙ୍କୁ ସ୍ୱାଗତ କରିଥିଲେ। ଚାରିପଟୁ ନଦୀ ଥିବାରୁ ଗ୍ରାମବାସୀ ବହୁ କଷ୍ଟରେ ଜୀବନ କାଟୁଛନ୍ତି ବୋଲି କହିଥିଲେ। ତେଣୁ ପୋଲ ନିର୍ମାଣ କରିବାକୁ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଭୁଇଁପୁର ପଟେ ପୋଲ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ରାଜକନିକା ବ୍ଲକର ନମତରା ପଟୁ ସେମାନଙ୍କ ଯାତାୟାତ ପାଇଁ କାଠ ପୋଲ ନିର୍ମାଣ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବହୁ ଦିନପରେ ଏହି କାଠ ପୋଲ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଆଳି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡାର ପ୍ରାକ୍ତନ ଜିଲାପାଳ ସମର୍ଥ ବର୍ମା, କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ମହାପାତ୍ର ଓ ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଣବ ବିଶ୍ୱାଳଙ୍କୁ ପଦନିପାଳ ସରପଞ୍ଚ ରାକେଶ ରୋସନ ରାଉତ, ସମିତିସଭ୍ୟ ଗୁରୁ ଚରଣ ଜେନା, ମହିଳା ମୋର୍ଚ୍ଚାର ସଭାନେତ୍ରୀ ଶାନ୍ତିଲତା ମହାନ୍ତିଙ୍କ ସମେତ ଗ୍ରାମବାସୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅପହୃତା ନାବାଳିକା ଭୁବନେଶ୍ୱରରୁ ଉଦ୍ଧାର
## ଅପହରଣକାରୀ ଗିରଫ

**ରସୁଲପୁର,୧୧।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଓଡିଶୋ ପଞ୍ଚାୟତ ଜେନାପୁର ଥାନା ଅଧୀନ ମଠସାହି ଅଞ୍ଚଳର ଜଣେ ନାବାଳିକା ମାମୁ ଘରେ ରହୁଥିଲେ। ଗତ ମାସ ୨୫ ତାରିଖରେ ସମ୍ପୃକ୍ତ ନାବାଳିକାଙ୍କୁ ମଠସାହିର ସିଦ୍ଧେଶ୍ୱର ପରିଡା (୨୪) ଅପହରଣ କରିନେଇଥିଲେ। ଏ ନେଇ ଡିସେମ୍ବର ୨୮ରେ ନାବାଳିକାଙ୍କ ପରିବାର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ-୪୫୯/୨୦) ରୁଜୁ କରି ତନାଘନା ଚଳାଇଥିଲା। ପୋଲିସ ଭୁବନେଶ୍ୱରର ଏକ ଭଡା ଘରେ ଚଢ଼ାଉ କରି ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ସିଦ୍ଧେଶ୍ୱରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ନାବାଳିକାଙ୍କୁ ସଖୀଗୃହକୁ ପଠାଇ ଦିଆଯାଇଛି। ଉକ୍ତ ମାମଲାର ତଦନ୍ତ ଏସ୍‌ଡିପିଓ ଚିନ୍ମୟ ନାୟକ କରୁଛନ୍ତି।

# ବଙ୍ଗର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଅଟକ

**ନୟାଗଡ ଅଫିସ,୧୧।୧**

ନୟାଗଡ ପୋଲିସ ଜିଲା ଗୋଡିପଡା ଫାଣ୍ଡି ପଞ୍ଚୁମୁ ଛକରେ ରବିବାର ରାତିରେ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ପୋଲିସ କାବୁ କରି ପଚରାଉଚୁରା କରୁଛି। ହତ୍ୟାକାଣ୍ଡର କାରଣ ଜଣାପଡିନି। ପଞ୍ଚୁମୁ ତୋଟାସାହିର ବିଜୟ ଜେନା ଓରଫ ବଙ୍ଗର(୩୬)ଙ୍କୁ ରବିବାର ସନ୍ଧ୍ୟାରେ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହି ଘଟଣାରେ ମଝିଆଖଣ୍ଡର ଖିଲାଡି ଡାକୁଆ ତାଙ୍କ ସହଯୋଗୀଙ୍କ ସହ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ସୋମବାର ପୋଲିସ ୩୦୨ ଦଫାରେ ନଂ. ୪/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# 'ଲିଖିତ ପ୍ରତିଶ୍ରୁତି ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ'


ଆଲୋଚନା ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ନଦୀବନ୍ଧ ସୁରକ୍ଷା କମିଟି ସଦସ୍ୟ।

## ଦେବୀ ନଦୀ ବନ୍ଧ ସୁରକ୍ଷା ପାଇଁ ଆଲୋଚନା

**ନାଉଗାଁ,୧୧।୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ତୁମ୍ବେଶ୍ୱର ନଦୀ ବନ୍ଧ ସୁରକ୍ଷା ପାଇଁ ସୋମବାର ପ୍ରଶାସନ ଓ ନଦୀ ବନ୍ଧ ସୁରକ୍ଷା କମିଟି ସଦସ୍ୟଙ୍କ ମଧ୍ୟରେ ମଙ୍ଗଳବାର ଆଲୋଚନା ହୋଇଛି। ଲିଖିତ ପ୍ରତିଶ୍ରୁତି ପରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି କମିଟି ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଏବିଡିଓ ଦେବେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏହି ଆଲୋଚନା ହୋଇଥିଲା। କମିଟି ଦେଇଥିବା ପ୍ରସ୍ତାବ ଉପରେ ସମୀକ୍ଷା କରାଯାଇଥିଲା। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଏନେଇ ଲିଖିତ ପ୍ରତିଶ୍ରୁତି ଦିଆଯିବ ବୋଲି ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା କହିଛନ୍ତି। ଏହାପରେ ନଦୀ ବନ୍ଧର ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଆଲୋଚନାରେ ଏସ୍‌ଡିଓ ତପନ କୁମାର ରାଉତ, ତହସିଲଦାର ଜେ.କଳ୍ପନାଙ୍କ ସମେତ ନଦୀ ବନ୍ଧ ସୁରକ୍ଷା କମିଟି ତରଫରୁ ଆର୍ତ୍ତତ୍ରାଣ ଦାସ, ଅଶୋକ ସ୍ୱାଇଁ, ନବ କିଶୋର ମହାନ୍ତି,ଚତୁର୍ଭୁଜ ମହାନ୍ତି, ବଂଶୀଧର ବେହେରା, ପ୍ରଫୁଲ୍ଲ ପରିଡା, ଗୌରାଙ୍ଗ ସ୍ୱାଇଁ, ପଦ୍ମ ଚରଣ ରାଉତ ଓ ଶିବ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଯେ, ନଦୀ ବନ୍ଧ ସୁରକ୍ଷା ପାଇଁ ବାରମ୍ବାର ସୁରକ୍ଷା କମିଟି ଓ ପ୍ରଶାନ ମଧ୍ୟରେ ଆଲୋଚନା ହେଉଥିଲେ କୌଣସି ସୁଫଳତା ମିଳୁନାହିଁ। ବନ୍ଧର ସୁରକ୍ଷା ପାଇଁ ୨୧ ଡିସେମ୍ବର ୨୦୨୦ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରଶ୍ମିରେଖା ମଲିକଙ୍କ ଜରିଆରେ କମିଟି ପକ୍ଷରୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ନଦୀ ବନ୍ଧର ସୁରକ୍ଷା ପାଇଁ ପ୍ରଥମ ବୁରୁଜରୁ ୨ୟ ବୁରୁଜ ପର୍ଯ୍ୟନ୍ତ କଂକ୍ରିଟ ୱାଲ ନିର୍ମାଣ କରାଯାଉ, ଏହାର ଜଳସ୍ତର ବଜାୟ ରଖିବା ପାଇଁ ଏକ ଆଡ଼ି ବନ୍ଧ ନିର୍ମାଣ କରାଯାଉ ଏବଂ ନାଉଗାଁ ବ୍ଲକର ସମସ୍ତ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା।

# ପଲାଇରେ ଗୋଚର ଜମି ଜବରଦଖଲ

**ବାଲିଚନ୍ଦ୍ରପୁର, ୧୧।୧ (ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ଗ୍ରାମରେ ଗୋଚର ଓ ରେଲୱେ ଜମିକୁ ଜବରଦଖଲ କରାଯାଇଥିବା ଅଭିଯୋଗ ନେଇ ସୋମବାର ଜିଲାପାଳ ଓ ତହସିଲଦାରଙ୍କୁ ଭେଟିଛନ୍ତି ଗ୍ରାମବାସୀ। ପଲାଇ ବାରବାଟୀ ପଡ଼ିଆ ମଧ୍ୟ ଦେଇ ହରିଦାସପୁର-ପାରାଦୀପ ରେଳପଥ ଯାଇଛି। ଏହି ଗୋଚର ଜମିର ଏକ ବୃହତ୍ ଭାଗ ଗୋଶାଳା ନିର୍ମାଣ ପାଇଁ ସଂରକ୍ଷିତ ଥିବାବେଳେ ବିଦ୍ୟୁତ୍ ଗ୍ରୀଡ୍ ବ୍ୟବସ୍ଥା ପାଇଁ ୧୫ ଏକର ଜମି ବିଦ୍ୟୁତ୍ ବିଭାଗ ହାତକୁ ନେଇଛି। ବାରବାଟି ପଡିଆକୁ ପଲାଇ, ଗୋବଣ୍ଡିଆ, ମାତକାତପୁର, ବନ୍ଦରେଶ୍ୱର ଓ ଆଖପାଖ ଅଞ୍ଚଳର ଗୋରୁ, ଛେଳି ଓ ମେଣ୍ଢା ଚାରଣ ଭୂମି ଭାବେ ବ୍ୟବହାର କରିଥାନ୍ତି। ହେଲେ କିଛିଦିନ ହେବ ପଲାଇର ଜଣେ ବ୍ୟକ୍ତି ଏହି ଗୋଚର ଓ ରେଲୱେ ଜମିକୁ ଜବରଦଖଲ କରି ୨୦ରୁ ଅଧିକ କ୍ୟାବିନ୍ ପକାଇ ଭଡ଼ା ଦେଇଛନ୍ତି। ସେହିପରି ଏକ ଘର ନିର୍ମାଣ ସହ ଏକ ଏକରରୁ ଅଧିକ ଗୋଚର ଜମିରେ ବୃକ୍ଷରୋପଣ କରାଯିବା ଫଳରେ ଗୋରୁମାନଙ୍କ ପାଇଁ ଚାରଣ ଜମି ଅଭାବ ରହୁଛି। ତେଣୁ ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଧ୍ୟାନଦେଇ ଜବରଦଖଲ ଉଚ୍ଛେଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆନ୍ଦୋଳନାତ୍ମକପନ୍ଥା ବାଛି ନେବେ ବୋଲି ସେମାନେ ଜଣାଇଛନ୍ତି।

# ସସ୍ କାରଖାନାରେ ଅପମିଶ୍ରଣ ଅଭିଯୋଗର ତଦନ୍ତ ଆରମ୍ଭ

**ବଡଚଣା, ୧୧।୧(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ ଛକଠାରେ ସସ୍ କାରଖାନାରେ ଅପମିଶ୍ରଣ ଅଭିଯୋଗ ଘଟଣାରେ ଜିଲା ଫୁଡ୍ ଇନ୍ସପେକ୍ଟର ବିଭୁଦତ୍ତ ତ୍ରିପାଠୀ ସୋମବାର ତଦନ୍ତ ଆରମ୍ଭ କରିଛନ୍ତି। ସେ ବଡ଼ଚଣା ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସିଲ୍ ହୋଇଥିବା ସସ୍ କାରଖାନାର ସବୁ କାଗଜପତ୍ର ଠିକ୍ ଅଛି। କିନ୍ତୁ ତିଆରି ହେଉଥିବା ସସ୍ ଅପମିଶ୍ରଣ ହୋଇଛି କି ନାହିଁ ତାହା ଜାଣିବା ପାଇଁ ଲାବରେଟୋରିକୁ ପଠାଇଛୁ ବୋଲି ଫୁଡ୍ ଇନ୍ସପେକ୍ଟର ତ୍ରିପାଠୀ କହିଛନ୍ତି।

# ଆଜି ଖୋଲିବ 'କୁସୁମା'

**ଯାଜପୁର ଟାଉନ ୧୧।୧ (ଡି.ଏନ.ଏ.)**

ଦୀର୍ଘ ୯ ମାସ ପରେ କୁସୁମା ମଙ୍ଗଳବାର ଖୋଲିବ। କୁସୁମା ପୁଷ୍କରଣୀ ପରିସରରେ ଶତାଧିକ ଫୁଲ ଗଛ ରହିଛି। ରଙ୍ଗବେରଙ୍ଗ ଆଲୋକମାଳା ଏହାର ପରିବେଶକୁ ଆହୁରି ଆକର୍ଷଣୀୟ କରୁଛି। ଏଥିସହ ବୋଟିଂ ଏବଂ ନୀଳ ଜଳ ରାଶି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। କୁସୁମା ପରିସରରେ ଥିବା ପ୍ରସ୍ତର ମୂର୍ତ୍ତି ପର୍ଯ୍ୟଟକମାନଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ପାର୍କ ପିଲାମାନଙ୍କୁ ମନଭରି ଆନନ୍ଦ ଦେବ ବୋଲି ମତ ପ୍ରକାଶ ପାଇଛି। ସକାଳ ୮ ଟାରୁ ରାତି ୮ଟା ପର୍ଯ୍ୟନ୍ତ କୁସୁମା ଖୋଲା ରହିବ। ସୋମବାର ଏହି ପାର୍କ ସଂପୂର୍ଣ୍ଣ ବନ୍ଦ ରଖାଯାଇଛି। କରୋନା କଟକଣା ଭିତରେ ପର୍ଯ୍ୟଟକ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ନିୟମ ଉଲଘଂନ କଲେ ୫ଶହ ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ପୌର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। କୁସୁମାର ପ୍ରବେଶ ଶୁଳ୍କ ୩୦ଟଙ୍କା ରହିଥିବା ବେଳେ ନୌବିହାର ପାଇଁ ଅତିରିକ୍ତ ୫୦ ଟଙ୍କା ମୁଣ୍ଡ ପିଛା ଦେବାକୁ ପଡ଼ିବ। ସନ୍ଧ୍ୟାରେ କୁସୁମାର ଜଳରେ ଲାଇଟ୍ ଆଣ୍ଡ ସାଉଣ୍ଡ ସିଷ୍ଟମ ଦେଖିବାକୁ ମିଳିବ। ଏହାର ସମଗ୍ର ଅଞ୍ଚଳ ସିସି ଟିଭି ନଜରରେ ରହିଛି।



# ଭାଜପା, ବିଜେଡି ମଧ୍ୟରେ ତତ୍ପରତା

**ବରୀ,୧୧।୧(ଡି.ଏନ.ଏ.)**

**ଫେବୃୟାରୀ ୧୧ରେ ଅମଠପୁର ସରପଞ୍ଚ ଉପନିର୍ବାଚନ**
- ନୀରବ ରହିଛି କଂଗ୍ରେସ
- ପୂର୍ବ ସଫଳତା ପାଇବାକୁ ଭାଜପାର ପ୍ରୟାସ
- ବିକାଶ କଥା କହି ଭୋଟ୍ ମାଗିବ ବିଜେଡି

ଆସନ୍ତା ଫେବୃୟାରୀ ୧୧ରେ ବରୀ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନେଇ ଶାସକ ବିଜେଡି ଓ ଭାଜପା ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଉଭୟ ଦଳ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବାକୁ ଲାଗି ପଡ଼ିଛନ୍ତି। ଫଳରେ ଏହି ୨ ଦଳ ମଧ୍ୟରେ ଲଢ଼େଇ ହେବ ବୋଲି କୁହାଯାଉଛି। ମାତ୍ର କଂଗ୍ରେସ ଏ ପର୍ଯ୍ୟନ୍ତ ନୀରବ ରହିଛି।

ସୂଚନାଯୋଗ୍ୟ,୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥିନୀ ଆଶାଲତା ସେଠୀ ୩୭୬ ଖଣ୍ଡ ଭୋଟ ବ୍ୟବଧାନରେ ଶାସକ ଦଳ ପ୍ରାର୍ଥିନୀ ମମତା ଦାସଙ୍କୁ ହରାଇ ବିଜୟୀ ହୋଇଥିଲେ। ଶାସକ ଦଳର ଅସନ୍ତୁଷ୍ଟ ତଥା ସ୍ୱାଧୀନ ପ୍ରାର୍ଥୀ କବିତା ଦଳାଇ ୧୯୫ ଖଣ୍ଡ ଭୋଟ ପାଇଥିଲେ ମଧ୍ୟ ଜାତୀୟ କଂଗ୍ରେସ ଦଳ ଏହି ନିର୍ବାଚନରେ ପ୍ରାର୍ଥୀ ଦେଇ ନ ଥିଲା। ପରେ ଆଶାଲତାଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଚ୍ୟାଲେଞ୍ଜ କରି ମମତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗରେ ସତ୍ୟତା ଅନୁଭବ କରି ତାଙ୍କ ପଦକୁ କୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ଏହି ଉପନିର୍ବାଚନ ହେବାକୁ ଯାଉଛି।

ଗତ ସାଧାରଣ ନିର୍ବାଚନରେ ଶାସକ ଦଳର ନିର୍ବାଚନ ପ୍ରକ୍ରିୟାକୁ ନେଇ ଯାଜପୁର ଜିଲାର ବହୁ ଆଗ ଧାଡ଼ିର ନେତା ମଙ୍ଗ ଧରିଥିଲେ ହେଁ ଭାଜପା ଏହି ପଞ୍ଚାୟତରୁ ୭୦୬ ଖଣ୍ଡ ଭୋଟ ପାଇବକୁ ସକ୍ଷମ ହୋଇଥିଲା। ପଞ୍ଚାୟତ ନିର୍ବାଚନରେ ସମୁଦାୟ ମତଦାତାଙ୍କ ସଂଖ୍ୟା ୩୩୩୪ ହୋଇଥିବା ବେଳେ ଚଳିତ ବର୍ଷ ଏହା ବୃଦ୍ଧି ପାଇ ୩୬୩୨ ହୋଇଛି। ଭାଜପା ସମର୍ଥନରେ ଥିବା ବରୀ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ସୁନନ୍ଦା ଦାସ ଦଳ ପରିବର୍ତ୍ତନ କରି ଏବେ ଶାସକ ଦଳରେ ବିଧାୟିକା ହୋଇଛନ୍ତି। ତତ୍କାଳୀନ ଭାଜପା ପ୍ରଚାର କାର୍ଯ୍ୟର ମାର୍ଗଦର୍ଶକ ଥିବା ଦେବେନ୍ଦ୍ର ଦାସ ବର୍ତ୍ତମାନ ବିଧାୟିକାଙ୍କ ପ୍ରତିନିଧି ଅଛନ୍ତି। ସେ ଶାସକ ଦଳକୁ ବିଜୟଲାଭ କରିବା ପାଇଁ ଅନେକ ଭାଜପା କର୍ମୀଙ୍କୁ ଆଣି ଦଳରେ ମିଶାଇଛନ୍ତି। ଅପରପକ୍ଷରେ ଏହି ପଞ୍ଚାୟତରେ କଂଗ୍ରେସର ସମର୍ଥିତ ଭୋଟ ଶାସକ ବିଜେଡି ଓ ଭାଜପା ମଧ୍ୟରେ ବିଜୟ ପରାଜୟ କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ବହୁ ରାଜନୈତିଜ୍ଞ ମତବ୍ୟକ୍ତ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟଲାଭ କରିଥିବାରୁ ଏହି ଉପନିର୍ବାଚନ ଜିତି ଗଡ଼ ରକ୍ଷା କରିବାକୁ ବରୀ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ଏକ କମିଟି ଗଠନ କରି ଉଦ୍ୟମ କରୁଛନ୍ତି। ସେପଟେ ଶାସକ ବିଜେଡି ଦଳ ଏହି ପଞ୍ଚାୟତର ବିଜୟକୁ ଏକ ସମ୍ମାନର ପ୍ରଶ୍ନ ଭାବେ ବିବେଚନା କରୁଛି। ଏ ସମ୍ପର୍କରେ ବିଧାୟିକା ଦାସ କହିଛନ୍ତି, ଅମଠପୁର ବାସୀଙ୍କ ବିକାଶ ଉପରେ ଭରଷା ରହିଛି। ତେଣୁ ଶାସକ ଦଳର ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ। ଭାଜପା ନେତା ମଲ୍ଲିକଙ୍କ କହିବା ଅନୁସାରେ, ଉପନିର୍ବାଚନରେ ଅତୀତର ପୁନରାବୃତ୍ତି ହେବ। ଭାଜପା ସମର୍ଥିତ ପ୍ରାର୍ଥୀ ଗତ ନିର୍ବାଚନ ଠାରୁ ଅଧିକ ଭୋଟ ବ୍ୟବଧାନରେ ବିଜୟଲାଭ କରିବେ। କଂଗ୍ରେସ ନେତା ଉମେଶ ଜେନା କହିଛନ୍ତି, ଦଳ ତରଫରୁ ପ୍ରାର୍ଥୀ ଦେବା ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପ୍ରାର୍ଥୀ ଘୋଷଣା ପରେ ଯାହା କିଛି ଆକଳନ କରାଯିବ।

